## ଠିକ୍ ଉତ୍ତର ବାଛ

୧. __________ ମାଧ୍ୟମରେ ପାଚକ ଏନ୍‌ଜାଇମ୍ ଲାଇସୋଜୋମ୍ ମଧ୍ୟରେ ପ୍ରବେଶ କରେ।

କ. ଏଣ୍ଡୋପ୍ଲାଜମିକ୍ ରେଟିକୁଲମ୍ ଖ. ମାଇଟୋକଣ୍ଡ୍ରିଆ

ଗ. ଗଲ୍‌ଗିପିଣ୍ଡ ଘ. ରସଧାନୀ

୨. ନ୍ୟଷ୍ଟିରେ ଥିବା DNA ର ନିର୍ଦ୍ଦେଶରେ ତିଆରି RNA କୁ କ'ଣ କୁହାଯାଏ ?

କ. rRNA ଖ. tRNA ଗ. nRNA ଘ. mRNA

୩. ଏକ କୋଷୀ ଆଦିପ୍ରାଣୀଙ୍କର କୋଷରେ ଥିବା ସଙ୍କୋଚରସଧାନୀ କେଉଁ କାର୍ଯ୍ୟ କରିଥାଏ ?

କ. ଦୃଢ଼ତା ନିୟନ୍ତ୍ରଣ ଖ. ଜଳ ନିୟନ୍ତ୍ରଣ

ଗ. ପାଚନ ଘ. କୋଷସ୍ଥିତି ନିୟନ୍ତ୍ରଣ

୪. କୋଷଭିତ୍ତି କେଉଁ ପଦାର୍ଥରେ ତିଆରି।

କ. ସେଲ୍ୟୁଲୋଜ ଖ. ପୁଷ୍ଟିସାର

ଗ. ସ୍ନେହସାର ଘ.ଏମିନୋଅମ୍ଳ

୫. RNA ରେ ଥାୟାମିନ୍ ବଦଳରେ __________ କ୍ଷାରକ ଥାଏ।

କ. ୟୁରାସିଲ୍ ଖ. ଗୁଆନାଇନ୍ ଗ. ସାଇଟୋସିନ୍ ଘ. ଏଡ଼ିନାଇନ

୬. __________ ଉପାୟରେ $O_2$ ଓ $CO_2$ କୋଷ ଭିତରକୁ ଓ ବାହାରକୁ ଯାଇଥାଏ।

କ. ନିଷ୍କ୍ରିୟ ପରିବହନ ଖ. ସକ୍ରିୟ ପରିବହନ

ଗ. ବିସରଣ ଘ. ପରାସରଣ

୭. ଉଦ୍ଭିଦରେ ଥିବା ରଙ୍ଗହୀନ ଲବକକୁ କ'ଣ କୁହାଯାଏ ?

କ. କ୍ଲୋରୋପ୍ଲାଷ୍ଟ ଖ. କ୍ରୋମୋପ୍ଲାଷ୍ଟ

ଗ. ପ୍ରୋଟୋପ୍ଲାଷ୍ଟ ଘ. ଲିୟୁକୋପ୍ଲାଷ୍ଟ

୮. କୋଷବିଭାଜନରେ __________ ଅବସ୍ଥାରେ କ୍ରୋମୋଜୋମ୍ ଗୁଡ଼ିକ ସ୍ପଷ୍ଟ ଦେଖାଯାନ୍ତି।

କ. ପ୍ରୋଫେଜ୍ ଖ. ମେଟାଫେଜ୍

ଗ. ଏନାଫେଜ୍ ଘ. ଟେଲୋଫେଜ୍

୯. ଜଳ ଓ ଧାତବ ଲବଣ କେଉଁ ପ୍ରକ୍ରିୟାରେ କୋଷଝିଲ୍ଲୀଦେଇ ଯାତାୟତ କରିଥାଏ ?

କ. ବିସରଣ ଖ. ସକ୍ରିୟ ପରିବହନ

ଗ. ନିଷ୍କ୍ରିୟ ପରିବହନ ଘ. ପରାସରଣ

୧୦. ମଣିଷ କୋଷରେ __________ଯୋଡା କ୍ରୋମୋଜୋମ୍ ଥାଏ।

କ. ୪୬ ଖ. ୨୩ ଗ. ୩୨ ଘ. ୪୨